# NATIONAL NEWS BULLETIN (ODIA)

**30 September- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଆସନ୍ତାକାଲି ହେବାକୁ ଥିବା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତବାର୍ଷିକୀ ସମାରୋହରେ ଯୋଗଦେବେ ପ୍ରଧାନମନ୍ତ୍ରୀ ।

- ତିନିବାହିନୀର ସମ୍ମିଳିତ ପ୍ରୟାସରେ ଭାରତୀୟ ସେନାକୁ ଅପୂର୍ବ ସଫଳତା ମିଳିଛି - କହିଲେ ପ୍ରତିରକ୍ଷା ମନ୍ତ୍ରୀ ।

- ନିର୍ମାଣ କ୍ଷେତ୍ରରେ ଗରିବ ଓ ମଧ୍ୟବିତ୍ତ ବର୍ଗଙ୍କ ସ୍ୱପ୍ନ ପୂରଣ କରିଛି ପରବର୍ତ୍ତୀ ପିଢ଼ିର ଜିଏସ୍‌ଟି ସଂସ୍କାର ।

- କରୁର୍ ଦଳାଚକଟା ଘଟଣାରେ ତାମିଲନାଡୁରେ ପହଞ୍ଚିଲେ ଏନ୍‌ଡିଏ ଗଠିତ ଅନୁସନ୍ଧାନ ଦଳ ।

ଏବଂ

- ଅନ୍ତର୍ଭୁକ୍ତିମୂଳକ ଶିକ୍ଷା ବ୍ୟବସ୍ଥା ଜରିଆରେ ଯୁବପିଢ଼ିଙ୍କୁ ସୁଦୃଢ଼ କରୁଛନ୍ତି ସରକାର ।

## ପିଏମ୍ ଆର୍‌ଏସ୍‌ଏସ୍ ସେଣ୍ଟେନାରୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ନୂଆଦିଲ୍ଲୀରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଆର୍‌ଏସ୍‌ଏସ୍‌ର ଶତବାର୍ଷିକ ସମାରୋହରେ ଯୋଗାଦେବେ । ଆର୍‌ଏସ୍‌ଏସ୍‌ର ପରମ୍ପରା, ଏହାର ସାଂସ୍କୃତିକ ଯୋଗଦାନ ଏବଂ ଦେଶର ଏକତାରେ ଏହାର ଭୂମିକା ଉପରେ ସମାରୋହରେ ଆଲୋକପାତ କରାଯିବ । ଏହି ଅବସରରେ ପ୍ରଧାନମନ୍ତ୍ରୀ ରାଷ୍ଟ୍ରପ୍ରତି ଆର୍‌ଏସ୍‌ଏସ୍‌ର ଅବଦାନ ଉପରେ ସ୍ୱତନ୍ତ୍ର ଭାବେ ଡିଜାଇନ୍ କରାଯାଇଥିବା ଏକ ସ୍ମାରକୀ ଡାକଟିକଟ ଏବଂ ମୁଦ୍ରା ଉନ୍ମୋଚନ କରିବାର କାର୍ଯ୍ୟକ୍ରମ ରହିଛି ।

## ଟ୍ରାଇ ସର୍ଭିସ୍ ରାଜନାଥ

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି ଏକବିଂଶ ଶତାବ୍ଦୀରେ ଭାରତୀୟ ସଶସ୍ତ୍ର ବାହିନୀ ମଧ୍ୟରେ ପାରସ୍ପରିକ କାର୍ଯ୍ୟକାରୀତା ଏବଂ ମିଳିତ କାର୍ଯ୍ୟକ୍ଷମ ଆବଶ୍ୟକତା ପାଲଟି ଯାଇଛି । ଆଜି ନୂଆଦିଲ୍ଲୀରେ ଟ୍ରାଇ ସେବା ସେମିନାରରେ ଉଦ୍‌ବୋଧନ ଦେଇ ପ୍ରତିରକ୍ଷାମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି ସଂପ୍ରତି ଦେଶ ପାଇଁ ବିପଦ ଅଧିକ ଜଟିଳ ହୋଇଯାଇଛି । ଅପରେସନ ସିନ୍ଦୂର ସମୟରେ ଭାରତ ନିଜର ବାୟୁ ପ୍ରତିରକ୍ଷାର ମିଳିତ କାର୍ଯ୍ୟଦକ୍ଷତାର ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲା, ଯାହା ନିର୍ଣ୍ଣାୟକ

ସାବ୍ୟସ୍ତ ହୋଇଛି । ଭାରତୀୟ ବାୟୁସେନାର ସମନ୍ୱିତ ଏଆର କମାଣ୍ଡ ଆଣ୍ଡ୍ କଣ୍ଟ୍ରୋଲ ସିଷ୍ଟମ, ଭାରତୀୟ ସେନାର ଆକାଶ ତୀର ଏବଂ ଭାରତୀୟ ନୌସେନାର ତ୍ରିଗୁଣ ସହିତ ନିରବଚ୍ଛିନ୍ନ ଭାବେ ସମନ୍ୱିତ ହୋଇ ଏହି ସଫଳତାର ମୌଳିକ ଆଧାର ସୃଷ୍ଟି କରିଛି, ଯାହାକି କମାଣ୍ଡର ମାନଙ୍କୁ ସଠିକ୍ ଏବଂ ସମୟୋଚିତ ନିଷ୍ପତ୍ତି ନେବାକୁ ସକ୍ଷମ କରିଛି ବୋଲି ଶ୍ରୀ ସିଂହ କହିଛନ୍ତି ।

## ଜି.ଏସ୍.ଟି. - ନିର୍ମାଣ ସାମଗ୍ରୀର ସୁଲଭତା

ପରବର୍ତ୍ତୀ ପିଢ଼ିର ଜି.ଏସ୍.ଟି. ସଂସ୍କାର ସ୍ୱରୂପ ଦେଶରେ ଚାଲିଛି - ସଞ୍ଚୟ ଉତ୍ସବ ।

ଶୁଣନ୍ତୁ ଏକ ରିପୋର୍ଟ...

ପରବର୍ତ୍ତୀ ପିଢ଼ିର ଜି.ଏସ୍.ଟି. ସଂସ୍କାର କାର୍ଯ୍ୟକାରୀ ହେବା ପରେ ଦେଶର ଜନସାଧାରଣ ଚଳିତ ମାସ ୨୨ ତାରିଖରୁ ଲାଭ ପାଇବା ଆରମ୍ଭ କରିଛନ୍ତି । ଏହି ଜି.ଏସ୍.ଟି. ସଂରଚନାରେ, ଜି.ଏସ୍.ଟି. ପରିଷଦ ପୂର୍ବର ଚାରି ଥାକିଆ ଟିକସ ବ୍ୟବସ୍ଥାକୁ ପରିବର୍ତ୍ତନ କରି କେବଳ ୫ ଏବଂ ୧୮ ପ୍ରତିଶତ ମଧ୍ୟରେ ସୀମିତ ରଖିଛି । ଫଳରେ ଅନେକ ଗୁଡ଼ିଏ ସେବା ଏବଂ ସାମଗ୍ରୀର ଦର ହ୍ରାସ ପାଇଛି ।

ଏ ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଆହ୍ୱାନ ଦେଇ କହିଥିଲେ - **V/O-PM Swadeshi**

କେନ୍ଦ୍ର ସରକାର ସାଧାରଣ ଲୋକଙ୍କ ଉପରେ ବୋଝ ହ୍ରାସ କରିବାକୁ ଯାଇ ନିର୍ମାଣ ସାମଗ୍ରୀ ଉପରେ ଜିଏସ୍‌ଟି ହାର ହ୍ରାସ କରିଛନ୍ତି । ବିଶେଷଭାବେ ସିମେଣ୍ଟ, ଗ୍ରାନାଇଟ୍ ଏବଂ ମାର୍ବଲ ଉପରେ ଜିଏସ୍‌ଟି ହାର ହ୍ରାସ କରାଯିବା ଫଳରେ ଗରିବ ଏବଂ ନିମ୍ନବଧ୍ୟବିତ୍ତ ବର୍ଗର ଲୋକମାନଙ୍କ ଆବାସ ସ୍ୱପ୍ନ ପୂରଣ ହୋଇପାରିଛି । ମାର୍ବଲ ଓ ଗ୍ରାନାଇଟ୍ ଉପରେ ଜିଏସ୍‌ଟି ହାର ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି । ସେହିପରି ପୂର୍ବରୁ ସିମେଣ୍ଟ ଉପରେ ଲାଗୁ ହୋଇଥିବା ୨୮ ପ୍ରତିଶତ ଜିଏସ୍‌ଟିକୁ ୧୮ ପ୍ରତିଶତକୁ ଅଣାଯାଇଛି । ଅନ୍ୟପକ୍ଷରେ ନିର୍ମାଣ ଶ୍ରମିକଙ୍କ ନିମନ୍ତେ ସରକାର ଇଟା ଏବଂ ଅନ୍ୟାନ୍ୟ ଗୃହନିର୍ମାଣ ଉପକରଣ ଉପରେ ୭ ପ୍ରତିଶତ ଜିଏସ୍‌ଟି ହ୍ରାସ କରିଛନ୍ତି । ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ପ୍ରୋତ୍ସାହନ ଦେବାଲାଗି ଏହି ଜିଏସ୍‌ଟି ସଂସ୍କାର ସହାୟକ ହେବ ବୋଲି କୁହାଯାଇଛି ।

## ପିଆଇବି ଫ୍ୟାକ୍ଟ ଚେକ୍

ବିନା କୌଣସି ପ୍ରମାଣରେ ପ୍ରତିରକ୍ଷାମନ୍ତ୍ରୀଙ୍କ ନିର୍ଦ୍ଦେଶରେ ସୋନମ ୱାଙ୍ଗ ଚୁକ୍‌ଙ୍କୁ ଗିରଫ କରାଯାଇଛି ବୋଲି ଲଦାଖର ପୁଲିସ ମହାନିର୍ଦ୍ଦେଶକ ଡକ୍ଟର ଏସ୍. ଡି. ସିଂହ ଦାବି କରୁଥିବା ନେଇ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେଉଥିବା ଭିଡ଼ିଓ ବାର୍ତ୍ତାକୁ କେନ୍ଦ୍ର ସରକାର ଖଣ୍ଡନ କରିଛନ୍ତି । ପତ୍ରସୂଚନା କାର୍ଯ୍ୟାଳୟ-ପିଆଇବିର ଫ୍ୟାକ୍ଟ ଚେକ୍ ୟୁନିଟ୍ ଏକ ସାମାଜିକ

ଗଣମାଧ୍ୟମ ପୋଷ୍ଟରେ ସୂଚନା ଦେଇ କହିଛି ଯେ, ଡିଜିପି ଏଭଳି କୌଣସି ବିବୃତ୍ତି ଦେଇନାହାନ୍ତି । ଜନସାଧାରଣଙ୍କୁ ବିଭ୍ରାନ୍ତ କରିବା ଏବଂ ଦ୍ୱନ୍ଦ୍ୱ ସୃଷ୍ଟି କରି ଆତଙ୍କ ଖେଳାଇବା ଉଦ୍ଦେଶ୍ୟରେ ପ୍ରଚାର - ପ୍ରସାର କରାଯାଇଥିବା ଏଆଇ ଦ୍ୱାରା ପ୍ରସ୍ତୁତ ଭିଡ଼ିଓ ଗୁଡ଼ିକ ପ୍ରତି ସତର୍କ ରହିବା ପାଇଁ ପିଆଇବି ଜନସାଧାରଣଙ୍କୁ ଅନୁରୋଧ କରିଛି ।

## କରୁର୍ ଷ୍ଟାମ୍ପେଡ୍

ତାମିଲନାଡୁ କରୁର୍'ରେ ଦଳାଚକଟା ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରିଛି । ଅଭିନେତାରୁ ରାଜନେତା ପାଲଟିଥିବା ବିଜୟଙ୍କ ରାଜନୈତିକ ଦଳ ତାମିଲଗା ଭେଟ୍ରି କାଝାଗମର ୨ଜଣଙ୍କୁ ଗତକାଲି ସଂଧ୍ୟାରେ କରୁର୍ ପୋଲିସ ପଚରାଉଚରା କରିବା ପରେ ଗିରଫ କରିଥିଲା । ସେମାନଙ୍କୁ ଅଦାଲତରେ ହାଜର କରାଯାଇଥିଲା । ଏହାବ୍ୟତୀତ କରୁର୍ ଦଳାଚକଟା ଘଟଣାକୁ ମିଥ୍ୟା ସମ୍ବାଦ ପ୍ରଚାର କରୁଥିବା ଜଣେ ୟୁ-ଟ୍ୟୁବର ଫେଲିକ୍ସ ଜରାଲ୍ଡଙ୍କୁ ମଧ୍ୟ ତାମିଲନାଡୁ ପୋଲିସ ଗିରଫ କରିଛି ।  ଇତିମଧ୍ୟରେ ଘଟଣାର ସତ୍ୟତା ଅନୁସନ୍ଧାନ କରିବା ଲାଗି ବିଜେପି ପକ୍ଷରୁ ଗଠିତ ଏକ ଦଳର ମୁଖ୍ୟ ସାଂସଦ ହେମାମାଳିନୀଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିବା ଜଣାପଡିଛି । ତେବେ ସେ ସୁରକ୍ଷିତ  ରହିଥିବା କୁହାଯାଇଛି । ଏନ୍‌ଡିଏ ପକ୍ଷରୁ ଗଠିତ ଅନୁସନ୍ଧାନ

କମିଟି କୋଏମ୍ବାଟୁରରେ ଆଜି ପହଞ୍ଚିବା ପରେ କମିଟି ମୁଖ୍ୟ ସାଂସଦ ହେମାମାଳିନୀ ଗଣମାଧ୍ୟମକୁ କହିଛନ୍ତି କମିଟି ପକ୍ଷରୁ କେଉଁ କାରଣ ପାଇଁ ଦଳାଚକଟା ଘଟିଲା ତା'ର ଅନୁସନ୍ଧାନ କରାଯିବ । ଏହି କମିଟିରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ସଦସ୍ୟ ଅଛନ୍ତି ।

## ସେବାପର୍ବ-ଏନ୍‌ଇପି ୨୦୨୦

**Seba Parba Opening**

ଏବେ ଦେଶରେ ପାଳନ କରାଯାଉଛି ସେବା ପର୍ବ । ଶୁଣନ୍ତୁ ଏକ ରିପୋର୍ଟ...

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ରଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ନିରନ୍ତର ଉଦ୍ୟମ କରିଆସୁଛନ୍ତି । ଆମର ସ୍ୱତନ୍ତ୍ର ଧାରାବାହିକ ସେବା ପର୍ବରେ ଆସନ୍ତୁ ଜାଣିବା ମୋଦୀ ସରକାର ଦେଶର ଯୁବପିଢ଼ୀଙ୍କୁ ସଶକ୍ତ କରିବା ଲାଗି କିଭଳି ଶିକ୍ଷା କ୍ଷେତ୍ରରେ ଅନେକ ଗୁଡ଼ିଏ ସଂସ୍କାର ଆଣିଛନ୍ତି । ଜାତୀୟ ଶିକ୍ଷାନୀତି ୨୦୨୦ ସମେତ ଶିକ୍ଷା କ୍ଷେତ୍ରରେ ଅନେକ ଗୁଡ଼ିଏ ପରିବର୍ତ୍ତନ ଭାରତକୁ ବିଶ୍ୱଗୁରୁ କରିବା ନିମନ୍ତେ ଏକ ଆଧୁନିକ ଓ ଅନ୍ତର୍ଭୁକ୍ତିମୂଳକ ଶିକ୍ଷା ବ୍ୟବସ୍ଥା ଗ୍ରହଣ କରିଛନ୍ତି ।

ଗତ ୧୧ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ସଂପୂର୍ଣ୍ଣ ଉତ୍ସର୍ଗୀକୃତ ଭାବେ ଦେଶର ଯୁବପିଢ଼ୀଙ୍କୁ ଗୁଣାତ୍ମକ ଶିକ୍ଷା, ଆଧୁନିକ ଦକ୍ଷତା, ନିଯୁକ୍ତି ସୁଯୋଗ ଏବଂ ଉଦ୍ୟୋଗୀ ହେବାପାଇଁ ବିଭିନ୍ନ କାର୍ଯ୍ୟକ୍ରମ ମାନ ଗ୍ରହଣ କରିଛନ୍ତି । ଏହି ସମୟ

ମଧ୍ୟରେ ଭାରତ ତା'ର ଶିକ୍ଷା ବ୍ୟବସ୍ଥାକୁ ତ୍ୱରିତ ଗତିରେ ବିକଶିତ କରିବା ସହ ଶିକ୍ଷାର ମୂଳଦୁଆକୁ ସୁଦୃଢ଼ କରିପାରିଛି । ବିଦ୍ୟାଳୟଠାରୁ ଆରମ୍ଭ କରି ବିଶ୍ୱ ବିଦ୍ୟାଳୟ ପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ନିପୁଣ ଭାରତ ମିଶନ, ପିଏମ୍‌ଶ୍ରୀ ଯୋଜନା, ଜାତୀୟ ପାଠ୍ୟଖସଡା ଭଳି ଅନେକଗୁଡ଼ିଏ ବିଶ୍ୱସ୍ତରୀୟ ପଦକ୍ଷେପ ଗ୍ରହଣ କରିଛନ୍ତି । ସୂଚନା ଅନୁଯାୟୀ ଦେଶରେ ଥିବା ଆଇଆଇଟି, ଆଇଆଇଏମ୍ ଏବଂ ଏମ୍ସଗୁଡ଼ିକର ସୁଦୃଢ଼ୀକରଣ କରାଯିବା ସହ ସମସ୍ତଙ୍କୁ ଭବିଷ୍ୟତର ଆହ୍ୱାନ ମୁକାବିଲା କରିବା ଲାଗି ଶିକ୍ଷା ବ୍ୟବସ୍ଥାକୁ ଯୁକ୍ତିଯୁକ୍ତ କରାଯାଇଛି ।

୨୦୨୦ ଜୁନ୍‌ରେ ନରେନ୍ଦ୍ର ମୋଦୀ ସରକାର ନୂତନ ଜାତୀୟ ଶିକ୍ଷାନୀତି  ପ୍ରଣୟନ କରିଥିଲେ । ୩୪ ବର୍ଷ ମଧ୍ୟରେ ଏକ ବିଂଶ ଶତାବ୍ଦୀର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ କରାଯାଇଥିଲା । ନୂଆ ଶିକ୍ଷା ନୀତି ଆରମ୍ଭ କରି ପ୍ରଧାନମନ୍ତ୍ରୀ କହିଥିଲେ, ଶିକ୍ଷାର ଉଦ୍ଦେଶ୍ୟ ହେଉଛି ସମସ୍ତଙ୍କ ପାଇଁ ସମାନ ସୁଯୋଗ ସୃଷ୍ଟି କରିବା

**V/O-PM Byte - 2**

ଗତ ଏପ୍ରିଲ ମାସ ୨୯ ତାରିଖରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଯୁଗ୍ମ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ ସରକାର ଏକବିଂଶ ଶତାବ୍ଦୀର ଦୃଷ୍ଟିକୋଣକୁ ବିଚାରକୁ ନେଇ ଶିକ୍ଷାକୁ ଅର୍ନ୍ତଭୁକ୍ତି ମୂଳକ କରିଛନ୍ତି ।

**V/O-PM Byte - 1**

ସୂଚନା ଅନୁଯାୟୀ ୨୦୧୪-୧୫ରେ ଦେଶରେ ୫୧ହଜାରଟି ଉଚ୍ଚ ଶିକ୍ଷାନୁଷ୍ଠାନ ଥିବାବେଳେ ଏବେ ଏହା ୭୦ହଜାରକୁ ବୃଦ୍ଧି ପାଇଛି ।

ସେହିପରି ୨୦୧୪ରେ ଦେଶରେ ମାତ୍ର ୭ଟି ଅଖିଳ ଭାରତୀୟ ଆର୍ୟୁବିଜ୍ଞାନ ସଂସ୍ଥାନ ଥିବାବେଳେ ଏବେ ଏହା ୨୩କୁ ବୃଦ୍ଧି ପାଇଛି ଏବଂ ମେଡ଼ିକାଲ କଲେଜ ସଂଖ୍ୟା ୩୮୭ରେ ୨ହଜାରକୁ ବୃଦ୍ଧି ପାଇଛି । ସରକାରଙ୍କ ପଦକ୍ଷେପ ଯୋଗୁଁ ଭାରତ ଏବେ ତା'ର ଭବିଷ୍ୟତ ପିଢ଼ୀ ପାଇଁ ବିଶ୍ୱସ୍ତରୀୟ ଶିକ୍ଷା ପ୍ରଦାନ ବ୍ୟବସ୍ଥାକୁ ଆପଣେଇଛି ।

## ଗାନ୍ଧୀ ଷ୍ଟାଚୁ

ଗାନ୍ଧୀ ଜୟନ୍ତୀ ସମାରୋହ ପାଳନର ୨ ଦିନ ପୂର୍ବରୁ ଲଣ୍ଡନର ଟାଭିଷ୍ଟକ୍ ସ୍କୋୟାରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିକୁ ଭଙ୍ଗାରୁଜା କରାଯାଇଛି । ବ୍ରୋଞ୍ଜ ପ୍ରତିମୂର୍ତ୍ତିର ଆଧାର ସ୍ତମ୍ଭରେ ଆକ୍ରମଣାତ୍ମକ ଭାରତ ବିରୋଧୀ ଆଲେଖ୍ୟ ଦ୍ୱାରା ଆଚ୍ଛାଦିତ କରାଯାଇଛି । ଏହି ଘଟଣାକୁ ଭାରତର ହାଇ କମିଶନ ତୀବ୍ର ନିନ୍ଦା କରିବା ସହ ଏଭଳି କାର୍ଯ୍ୟ ଲଜ୍ଜାଜନକ ଏବଂ ଶାନ୍ତି ଓ ଅହିଂସାର ଆଦର୍ଶ ଉପରେ ଆକ୍ରମଣ ବୋଲି ବର୍ଣ୍ଣନା କରିଛନ୍ତି । ଲଣ୍ଡନ ପୁଲିସ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି ।